ଏକାଧିକ ରେକର୍ଡର ଅଧିକାରୀ ସାଜିଲେ ପନ୍ତ

ସିଡ୍‌ନୀ

ଅଷ୍ଟ୍ରେଲିଆ ବିପକ୍ଷ ସିଡନି ଟେଷ୍ଟରେ ନିଜ ଖେଳ ଜୀବନର ସର୍ବଶ୍ରେଷ୍ଠ ପାଳି (୧୫୯*, ୧୮୯ ବଲ୍, ୧୫ ଚୌକା, ୧ ଛକା) ଖେଳିଥିବା ଋଷଭ ପନ୍ତ ଏହି ଅବସରରେ ଏକାଧିକ କୀର୍ତ୍ତିମାନ ନିଜ ନାମରେ କରି ନେଇଛନ୍ତି। ନୂଆଦିଲ୍ଲୀର ଏହି ଯୁବ ୱିକେଟରକ୍ଷକ ପ୍ରଥମେ ମହେନ୍ଦ୍ର ସିଂହ ଧୋନିଙ୍କ ୧୨ ବର୍ଷ ତଳର କୀର୍ତ୍ତିମାନକୁ ପଛରେ ପକାଇଥିଲେ । ଭାରତୀୟ ୱିକେଟରକ୍ଷକ ଭାବେ ଏକ ବିଦେଶ ମାଟିରେ ସର୍ବାଧିକ ବ୍ୟକ୍ତିଗତ ରନ ଧୋନି (୧୪୮ ରନ ବନାମ ପାକିସ୍ତାନ, ଫୈସଲାବାଦ, ୨୦୦୬)ଙ୍କ ନାମରେ ଥିଲା । ହାଜେଲଉଡ୍‌ଙ୍କୁ ମିଡ୍ ଅଫ୍ ଉପରେ ଚୌକା ମାରି ପନ୍ତ ତାଙ୍କୁ କାଟିଥିଲେ। ସେହିଭଳି ସ୍ପିନର୍ ମାର୍ନସ ଲବୁସାନ୍‌ଙ୍କୁ ମିଡ୍ ୱିକେଟ ଅଞ୍ଚଳକୁ ଚୌକା ମାରି ଅଷ୍ଟ୍ରେଲିଆ ମାଟିରେ ମଧ୍ୟ ନିଜର ପ୍ରଥମ ଟେଷ୍ଟ ଶତକ ହାସଲ କରିଥିଲେ। ୨୧ ବର୍ଷୀୟ ଦିଲ୍ଲୀ ତାରକା ପନ୍ତ କିନ୍ତୁ ୧୫୯* ରନ ପାଳି ଖେଳିବା ପରେ ଉପମହାଦେଶ ବାହାରେ ସର୍ବାଧିକ ବ୍ୟକ୍ତିଗତ ରନ କରିବାରେ ପ୍ରଥମ ଏସୀୟ ହୋଇଥିଲେ । ୨୦୧୭ ମସିହାରେ ନ୍ୟୁଜିଲାଣ୍ଡ ବିପକ୍ଷରେ ବାଂଲାଦେଶର ମୁସ୍‌ଫିକର ରହିମ୍ (୧୫୯) ୱେଲିଂଟନ ଟେଷ୍ଟରେ ସମାନ ସ୍କୋର କରିଥିଲେ ମଧ୍ୟ ଆଉଟ ହୋଇଥିଲେ। ଅଷ୍ଟ୍ରେଲିଆ ବିପକ୍ଷରେ ଅଷ୍ଟ୍ରେଲିଆ ମାଟିରେ ଶତକ ହାସଲ କରିବାରେ ପନ୍ତ ପ୍ରଥମ ଭାରତୀୟ ୱିକେଟରକ୍ଷକ ହୋଇଛନ୍ତି । ପୂର୍ବ କୀର୍ତ୍ତିମାନ ଫାରୁକ ଇଂଜିନିୟର (୮୯, ଆଡିଲେଡ୍, ୧୯୬୭)ଙ୍କ ନାମରେ ଥିଲା। କିରଣ ମୋରେ (୬୭*), ପାର୍ଥିବ ପଟେଲ୍ (୬୨) ଏବଂ ମହେନ୍ଦ୍ର ସିଂହ ଧୋନି (୫୭*) ପଛକୁ ପଛ ରହିଥିଲେ। ଏସିଆ ମହାଦେଶ ବାହାରେ ୨ ଟେଷ୍ଟ ଶତକ ଜମାଇବାରେ ପନ୍ତ ପ୍ରଥମ ଭାରତୀୟ ୱିକେଟରକ୍ଷକ ହୋଇଛନ୍ତି। ଗତ ସେପ୍ଟେମ୍ବରରେ ସେ ଇଂଲଣ୍ଡ ବିପକ୍ଷରେ ଦ ଓଭାଲ୍‌ରେ ୧୧୪ ରନ କରିଥିଲେ। ସଚିନ ତେନ୍ଦୁଲକରଙ୍କ ପରେ ପନ୍ତ (୨୧ ବର୍ଷ ୯୨ ଦିନ) ଦ୍ୱିତୀୟ ସର୍ବକନିଷ୍ଠ ଭାବେ ମଧ୍ୟ ଅଷ୍ଟ୍ରେଲିଆରେ ଶତକ ହାସଲ କରିଛନ୍ତି । ସଚିନ ୧୯୯୨ ମସିହାରେ ସିଡନି (୧୮ ବର୍ଷ ୨୫୬ ଦିନ) ଏବଂ ପର୍ଥ (୧୮ ବର୍ଷ ୨୮୫ ଦିନ)ରେ ଦୁଇଟି ଶତକ ଖୁବ ସ୍ୱଳ୍ପ ବୟସରେ ହାସଲ କରିଥିଲେ। ସେନା ଦେଶ (ଦକ୍ଷିଣ ଆଫ୍ରିକା, ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ଅଷ୍ଟ୍ରେଲିଆ)ରେ ଶତକ ହାଁସଲ କରିବାରେ ପନ୍ତ ମଧ୍ୟ ପ୍ରଥମ ଭାରତୀୟ ୱିକେଟରକ୍ଷକ ହୋଇଛନ୍ତି । ଏହି ୪ ଶକ୍ତିଶାଳୀ କ୍ରିକେଟ୍ ଦେଶ ବିପକ୍ଷରେ ଦୁଇଟି ଶତକ ମାରି ସାରିଛନ୍ତି ପନ୍ତ। ଇଂଲଣ୍ଡ ଏବଂ ଅଷ୍ଟ୍ରେଲିଆରେ ଶତକ ହାସଲ କରିବାରେ ପନ୍ତ ୱେଷ୍ଟଇଣ୍ଡିଜ୍‌ର ଜେଫ ଦୁଜନଙ୍କ ସମକକ୍ଷ ହୋଇଛନ୍ତି। ଭାରତୀୟ ୱିକେଟରକ୍ଷକ ଭାବେ ପନ୍ତ (୧୫୯*) ତୃତୀୟ ସର୍ବୋଚ୍ଚ ବ୍ୟକ୍ତିଗତ ସ୍କୋରର ହୋଇଛନ୍ତି । ମହେନ୍ଦ୍ର ସିଂହ ଧୋନି (୨୨୪) ଏବଂ ବୁଦ୍ଧି କୁନ୍ଦରନ (୧୯୨) ପ୍ରଥମ ଦୁଇ ସ୍ଥାନରେ ରହିଛନ୍ତି । ଅଷ୍ଟ୍ରେଲିଆରେ କିନ୍ତୁ କୌଣସି ଭ୍ରମଣକାରୀ ୱିକେଟରକ୍ଷକଙ୍କ ମଧ୍ୟରେ ଏହା ଦ୍ୱିତୀୟ ସର୍ବାଧିକ । ୨୦୧୨–୧୩ରେ ଏବି ଡିଭିଲିୟର୍ସ (୧୬୯) ଶତକ ମାରିଥିଲେ। ସେହିଭଳି ୭ ନମ୍ବର କିନ୍ତୁ ତାଠୁ କମ ସ୍ଥାନରେ ଖେଳି

ଅଷ୍ଟ୍ରେଲିଆରେ ଶତକ ମାରିବାରେ ପନ୍ତ ଦ୍ୱିତୀୟ ଭାରତୀୟ ହୋଇଛନ୍ତି । ୧୮୯୭ରେ ସିଡନିରେ କେଏସ ରଣଜିତସିଂହଜୀ ୧୭୫ ରନ କରିଥିଲେ । ୭ ନମ୍ବରରେ କିନ୍ତୁ ସେ କପିଳ ଦେବ (୧୬୩ ବନାମ ଶ୍ରୀଲଙ୍କା, କାନପୁର, ୧୯୮୬–୮୭)ଙ୍କ ପରେ ଦ୍ୱିତୀୟ ବ୍ୟାଟସମ୍ୟାନ୍। ପନ୍ତଙ୍କ ପୂର୍ବରୁ କୌଣସି ଉପମହାଦେଶୀୟ ୱିକେଟରକ୍ଷକ ଗୋଟିଏ ଶୃଙ୍ଖଳାରେ ୨୦୦ରୁ ଉର୍ଦ୍ଧ୍ୱ ରନ୍ ଏବଂ ୨୦ରୁ ଉର୍ଦ୍ଧ୍ୱ କ୍ୟାଚ ନେଇନଥିଲେ। ମୋଟ ଉପରେ ସେ ୩୫୦ରୁ ଉର୍ଦ୍ଧ୍ୱ ରନ ଏବଂ ୨୦ କ୍ୟାଚ ନେବାରେ କିନ୍ତୁ ପଞ୍ଚମ ଉପମହାଦେଶ ବାହାରେ ସର୍ବାଧିକ ରନ କରିବାରେ ସେ ବିଜୟ ମଞ୍ଜରେକର (୧୧୮ ବନାମ ୱେଷ୍ଟଇଣ୍ଡିଜ୍, କିଙ୍ଗଷ୍ଟନ୍, ୧୯୫୨–୫୩)ଙ୍କୁ ପଛରେ ପକାଇଥିଲେ।

କେଡିଏମ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ କମାଗଡ଼ ଓ ତରଞ୍ଜିଆ ବିଜୟୀ

ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ।

ଧର୍ମଶାଳା ବ୍ଲକ ମଧୁପୁରଗଡ ପଞ୍ଚାୟତ ଖେଳପଡିଆ ଠାରେ ଚାଲିଥିବା କଳ୍ପତରୁ ଦାସ ମେମୋରିଆଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଅନୁଷ୍ଠିତ ଦୁଇଟି କ୍ୱାଟରଫାଇନାଲ ମ୍ୟାଚ୍‌ରେ କମାଗଡ ଓ ତରଞ୍ଜିଆ ଟିମ୍ ଜୋନାଲ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରଥମ ମ୍ୟାଚ୍‌ରେ କମାଗଡ ଟିମ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୬ ୱିକେଟ୍ ହରାଇ ୧୫୬ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଚିରମ୍ ଭଞ୍ଜ ୪୮ ରନ୍ ଓ ଓମ୍‌ପ୍ରକାଶ ୩୨ ରନ୍ କରିଥିଲେ । ବିପକ୍ଷ ଦଳର ପ୍ରଦୀପ ବାରିକ ଓ ସାଗରଦୀପ ନାୟକ ଗୋଟିଏ ଲେଖାଏଁ ଉଇକେଟ ନେଇଥିଲେ। ଜବାବରେ ସମ୍ପାରୁ ଟିମ୍ ବ୍ୟାଟିଂ କରି ୧୨.୧ ଓଭରରେ ସମସ୍ତ ୱିକେଟ୍ ହରାଇ୧୨୨ ରନ କରି ପରାସ୍ତ ହୋଇଥିଲା। ଦଳପକ୍ଷରୁ ପର୍ଶୁରାମ ବେହେରା ୩୪ ଓ ସ୍ୱୟମ୍‌ସିଦ୍ଧ ନାୟକ ୨୧ ରନ୍ କରିଥିଲେ। ବିପକ୍ଷ ଦଳର ଅରୁପାନନ୍ଦ ବେହେରା ୪ଟି ଓ ଚୈରାମ ଭଞ୍ଜ୨ଟି ଉଇକେଟ୍ ନେଇଥିଲେ। ଦ୍ୱିତୀୟ ମ୍ୟାଚରେ ତରଞ୍ଜିଆ ପ୍ରଥମେ ବ୍ୟାଟିଂକରି ନିର୍ଦ୍ଧାରିତ ୧୫ ଓଭରରେ ୭ ୱିକେଟ ହରାଇ ୧୪୬ ରନ୍ ସଂଗ୍ରହ କରିଥିଲା। ଦଳପକ୍ଷରୁ ମନୋଜ ଜେନା ୫୬ ଓ ସରୋଜ ଜେନା ୩୮ ରନ୍ କରିଥବଲେ। ବିପକ୍ଷ ଦଳର ରଞ୍ଜିତ ପାତ୍ର ଓ ମନୋଜ ଦାସ ୨ଟି ଲେଖାଏଁ ୱିକେଟ ନେଇଥିଲେ। ଜବାବରେ ମହିଶରା ଟିମ ବ୍ୟାଟିଂ କରି ୧୫ ଓଭରରେ ୭ ୱିକେଟ ହରାଇ ୧୩୫ ରନ୍ କରି ପରାସ୍ତ ହୋଇଥିଲା। ଦଳପକ୍ଷରୁ ବିଶ୍ୱରଞ୍ଜ ନାୟକ ୩୭ ଓ ପ୍ରତାପ ଦାସ ୩୫ ରନ୍ କରିଥିଲେ । ବିପକ୍ଷ ଦଳର ସୁଶାନ୍ତ ନାୟକ ଓ ନିଗମାନନ୍ଦ ଦାସ ୩ଟି ଲେଖାଏଁ ଉଇକେଟ ନେଇଥିଲେ । ଖେଳରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଅତିଥି ବାବେ ଯୋଗଦେଇ ଖେଳାଳୀମାନଙ୍କୁ ପୁରସ୍କୃତ କରିଥିଲେ। ଯୁବ ନେତା ପ୍ରହ୍ଲାଦ ଲେଙ୍କା ଓ ଜଗଦିସ ଜେନାମଣି ଉପସ୍ଥିତ ରହିଥିଲେ । ଆଜିର ପ୍ରଥମ ମ୍ୟାଚକୁ ରଞ୍ଜନ ପାଳ ଓ ନାରାୟଣ ପାଳ ପରିଚାଳନା କରିଥିବା ବେଳେ ଦ୍ୱିତୀୟ ମ୍ୟାଚ୍‌କୁ ପ୍ରଦୀପ୍ତ ରାଉତ, ନାରାୟଣ ପାଳ ପରିଚାଳନା କରିଥିଲେ। ସିଲୁ ମହାପାତ୍ର , ପ୍ରକାଶ ଧଳ ଓ ବାସୁଦେବ ମିଶ୍ର ସ୍କୋରରେ ସହାୟତା କରିଥିଲେ। ରବିବାର ଦୁଇଟି ସେମିଫାଇନାଲ ମ୍ୟାଚ ଜେନାପୁର ସହିତ କମାଗଡ ଓ ପୁରୁଣା ବଉଳମାଳ ସହିତ ତରଞ୍ଜିଆ ଟିମ ମଧ୍ୟରେ ଅନୁଷ୍ଠିତ ହେବ ବୋଲି କେଡିଏମ୍ ଉପାଧକ୍ଷ ରଶ୍ମୀ ରଞ୍ଜନ ରାୟ ସୂଚନା ଦେଇଛନ୍ତି।

୬ରୁ ୧୦ମ ରାଜ୍ୟସ୍ତରୀୟ ନିମାପଡ଼ା କପ୍ କ୍ରିକେଟ ପ୍ରତିଯୋଗିତା

ନିମାପଡ଼ା, ନ୍ୟୁଜ୍ ବ୍ୟୁରୋ

ପ୍ରତି ବର୍ଷ ଭଳି ଚଳିତ ବର୍ଷ ଜାନୁୟାରୀ ୬ତାରିଖରୁ ନିମାପଡା କ୍ରିକେଟ ଆସୋସିଏସନ ପକ୍ଷରୁ ସ୍ଥାନୀୟ ବାରବାଟୀ ପଡିଆରେ ୧୦ମ ରାଜ୍ୟସ୍ତରୀୟ ନିମାପଡା କପ୍ ତଥା ୭ମ କିଶୋରପଣ୍ଡା ମୋମୋରିଆଲ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏହି ପ୍ରତିଯୋଗିତା ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥିରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୮ଟି କ୍ରିକେଟ ଟିମ୍ ଭାଗ ନେବାର କାର୍ଯ୍ୟକ୍ରମ ରହିଛି । ୬ ତାରିଖରେ କ୍ରାଉନ ସ୍ପୋର୍ଟିଂ ଭୁବନେଶ୍ୱର ଓ ମହାବୀର କ୍ରିକେଟ କ୍ଲବ ପୁରୀ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ । ସେହିପରି ୭ତାରିଖରେ ସୋଲାର କ୍ଲବ କଟକ ସହିତ ଟ୍ରାଇଡ଼େଂଟ ଏକାଡ଼େମ ଭୁବନେଶ୍ୱର, ୮ତାରିଖରେ ପ୍ରଥମ ସେମିଫାଇନାଲ, ୯ତାରିଖରେ ନିମପୁର କ୍ରିକେଟ କ୍ଲବ ନିମପୁର ସହିତ ରାମେଶ୍ୱର ସ୍ପୋର୍ଟିଂ ଭୁବନେଶ୍ୱର,୧୦ ତାରିଖରେ ଏକାଦଶ ଷ୍ଟାର ଯାଜପୁର ସହିତ ପ୍ରଗତି ସ୍ପୋର୍ଟିଂ ଭୁବନେଶ୍ୱର ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ । ୧୧ତାରିଖରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଓ ୧୩ ତାରିଖରେ ଗ୍ରାଣ୍ଡ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ । ସ୍ଥାନୀୟ ଗ୍ରୀନଲ୍ୟାଣ୍ଡ ମଣ୍ଡପ ଠାରେ ନିମାପଡା କ୍ରିକେଟ ଆସୋସିଏସନ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଅକ୍ଷୟ କୁମାର ବେହେରା, ଶ୍ୱେତପର୍ଣ୍ଣା ରାୟ ମହାପାତ୍ର, ହିମାଦ୍ରି ଶେଖର ମହାନ୍ତି, ନିର୍ମଳ ମିଶ୍ର, ଅୟଶକାନ୍ତ ମିଶ୍ର, ସତ୍ୟେନ୍ଦ୍ର ମୋହନ ମହାନ୍ତି ପ୍ରମୁଖ କର୍ମକର୍ତ୍ତା ଯୋଗଦେଇ ଚଳିତ ବର୍ଷର ଚାମ୍ପିଅନ ଦଳକୁ ଟ୍ରଫି ସହିତ ନଗଦ ୩୦ ହଜାର ଟଙ୍କା ଓ ରନର୍ସଅପ ଦଳକୁ ଟ୍ରଫି ସହିତ ନଗଦ ୨୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ସୂଚନା ଦେଇଛନ୍ତି ।

କୋରେଇ ନିର୍ବାଚନମଣ୍ଡଳୀରେ ବିଜେଡିର ନିର୍ବାଚନୀ ରଣକୌଶଳ ଆରମ୍ଭ

କୋରେଇ: ନ୍ୟୁଜ୍ ବ୍ୟୁରୋ

କୋରେଇ ନିର୍ବାଚନମଣ୍ଡଳୀ ର ରାଜନୈତିକ ନେତାମାନେ ନବବର୍ଷର ଅଭିନନ୍ଦନର ଶୁଭେଚ୍ଛା ବାର୍ତ୍ତା ନିଜ ନିଜ ଦଳୀୟ ଚିହ୍ନସହ ଛକ ବଜାର ଗାଁ ଗଣ୍ଡାରେ ପୋଷ୍ଟର ଲଗାଇ ନେତାଙ୍କ ଅନୁଗତ ମାନେ ଗ୍ରାମର ୱାର୍ଡ ମାନଙ୍କରେ ରାଜନିତୀର ଅଙ୍କକଷିବା ଆରମ୍ଭ କରିଦେଇଛନ୍ତି । କୋରେଇ ଅଞ୍ଚଳର ୩ପ୍ରମୁଖ ରାଜନୈତିକ ଦଳ କଂଗ୍ରେସ, ବିଜେଡି ଓ ବିଜେପି ନିଜ ନିଜର ରଣ କୌଶଳର ତିର ଛାଡିବା ଆରମ୍ଭ କରି ଦେଲେଣି । କୋରେଇ ବିଜୁ ଜନତା ଦଳ ପକ୍ଷରୁ ୩ ନମ୍ବର ଜୋନର ୯ଟି ପଞ୍ଚାୟତକୁ ନେଇ ୱାର୍ଡ କମିଟି ବୈଠକ ଶନିବାର ପଥରପଦାସ୍ଥିତ ଚାନ୍ଦପୁର ନିକଟସ୍ଥ ଚାଲୁଥିବା କୋରେଇ ଭବନ ନିର୍ମାଣକାର୍ଯ୍ୟ ସ୍ଥାନପରିସରରେ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ବିଜେଡି ସଭାପତି ଭକ୍ତବତ୍ସଳ ସ୍ୱାଇଁ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କୋରେଇ ବିଜେଡିର ଆଗଧାଡିର ନେତାମାନେ ନିଜ ନିଜ ଭାଷଣରେ ବିରୋଧି ଦଳମାନଙ୍କର ଅପାରଗତା ବିଷୟରେ ଭାଷଣ ରଖିବା ସହିତ ରାଜ୍ୟସରକାରଙ୍କ ବିଭିନ୍ନ ଜନହିତକର ଯୋଜନାର ସଫଳତାର ଅସ୍ତ୍ରକୁ ଓ କାଳିଆ ଯୋଜନାରେ ଚାଷ ଓ ଚାଷୀଙ୍କୁ କିପରି ସୁଫଳ ମିଳିବ ରାଜନିତୀ ଅସ୍ତ୍ରର ତୀର ବିରୋଧିଙ୍କୁ ମାରି କୋରେଇ ନିର୍ବାଚନ ବୈତରଣୀ ପାର ହେବାକୁ ରାଜନୈତିକ ଗୋଟିଚାଳନା ମନ୍ତ୍ରରେ ୱାର୍ଡମାନଙ୍କରେ ଭୋଟରମାନଙ୍କୁ ଆପଣେଇବା ପାଇଁ ଭାଷଣରେ ସଭାରେ ଉପସ୍ଥିତ ଥିବା କର୍ମୀମାନଙ୍କୁ ସୂଚନା ପ୍ରଦାନ କରୁଥିବାର ଦେଖିବାକୁ ମିଳିଥିଲା । ମୁଖ୍ୟ ଅତିଥିଭାବେ କୋରେଇ ବିଧାୟକ ଆକାଶ ଦାସନାୟକ ଯୋଗଦେଇ ୱାର୍ଡ ସ୍ତରରୁ କର୍ମୀମାନଙ୍କ ବୈଠକରେ ସେମାନଙ୍କୁ ସରକାରୀ ଯୋଜନା ସର୍ମ୍ପକରେ ଅବଗତ କରିବା ସହ ଯୋଜନାର ସୁଫଳର ବାର୍ତ୍ତା ଲୋକମାନଙ୍କ ପାଖରେ ପହଞ୍ଚାଇବାକୁ ଆହ୍ୱାନ ଦେଇଥିଲେ । ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ପ୍ରିତୀ ରଂଜନ ସାହୁ, ଜିଲ୍ଲା ପରିଷଦ ସଭ୍ୟ ଧରଣୀଧର ଘଡାଇ, ବ୍ଲକ ସମ୍ପାଦକ ଗଣେଷ ସାହୁ, କୃଷକ ନେତା ବଳରାମ ସାହୁ, ବ୍ଲକ ବିଜୁ ମହିଳା ସଭାପତି ନିର୍ମଳା ରାଉତ, ଯୁବ ସଭାପତି ପ୍ରଶାନ୍ତ ମହାପାତ୍ର, ପାଣିକୋଇଲି ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ପଣ୍ଡା,ପଥରପଦା ସରପଞ୍ଚ ପ୍ରକାଶ ମଲ୍ଲିକ,ତାହାରପୁର ସରପଞ୍ଚ ଶରତ ଜେନା, ବରୁଣ୍ଡାଇ ସରପଞ୍ଚ ସୌଭାଗ୍ୟ ମହାନ୍ତି, ବରିଷ୍ଠ ନେତା ପିନାକ ରଂଜନ ଦାସ, ସୁରେନ୍ଦ୍ର ମିଶ୍ର, ରାମ ଚନ୍ଦ୍ର ବେହେରା,ପାଣିକୋଇଲି ସଭାପତି ବିଜୟ କୁମାର ଷଡଙ୍ଗୀ, ତଣ୍ଡରା ସଭାପତି ମାନସ ମହାନ୍ତି, ବଡବିରୁହାଁ ସଭାପତି ସୁଶାନ୍ତ ମହାପାତ୍ର ପ୍ରମୁଖ ବିଭିନ୍ନ ଯୋଜନା ସର୍ମ୍ପକରେ ମତ ରଖିବା ସହ ବିଧାୟକଙ୍କୁ ରେକର୍ଡ ସଂଖ୍ୟକ ଭୋଟରେ ବିଜୟୀ କରିବାକୁ ଶନିବାର ଠାରୁ କାମ ଆରମ୍ଭ କରିବାକୁ ଆହ୍ୱାନ ଦେଇଥିଲେ । ଶେଷରେ ପଥରପଦା ସଭାପତି ସନ୍ତୋଷ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ଅଭୟ କୁମାର ମହାନ୍ତି,ସରପଞ୍ଚ ରୁନୁ ଭୂୟାଁ, ସୁରେଖା ସେଠୀ, ଗୋପାଳ ସେଠୀ, ନିରଞ୍ଜନ ବାରିକ,ସମିତିସଭ୍ୟ ଜହର ଅଲ୍ଲୀ, କୁଳମଣୀ ଦାସ, ଅଶୋକ ବାରିକ, ଭାନୁପ୍ରଭା କରଣ, ସୂର୍ଯ୍ୟମଣୀ ପଣ୍ଡା, ସ୍ୱପ୍ନାନନ୍ଦ ଦାସ, ବଳରାମ ସେଠୀ, ପ୍ରକାଶ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ ।

।। ଗଞ୍ଜାମ ଜିଲ୍ଲା ସମାଚାର ।।

ଶିଶୁମାନଙ୍କ ବହୁମୁଖୀ ପ୍ରତିଭାର ଭୂୟସୀ ପ୍ରଶଂସା କଲେ ଅତିଥିମାନେ

ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ।

ରବିବାର ଦିନ ମହାନ ଅତିଥିଗଣ, ଅଭିଭାବକ ଓ ଶିଶୁଭାଇ ଭଉଣୀ ମାନଙ୍କ ସମାରୋହ ମଧ୍ୟରେ ମା’ ସରସ୍ୱତୀ ବିଦ୍ୟାମନ୍ଦିର ଡାଇମଣ୍ଡ ଟ୍ୟାଙ୍କରୋଡ୍ ଓ ଶିବାନନ୍ଦନଗରର ଏକବିଂଶତମ ବାର୍ଷିକ ଉତ୍ସବ ସଭାପତି ଡଃ. ରବିନାରାୟଣ ମିଶ୍ରଙ୍କ ପୌରୋହିତ୍ୟ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ରୂପେ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର ଯୋଗଦାନ କରି ଶିଶୁ ମାନଙ୍କ ବହୁମୁଖୀ ପ୍ରତିଭାର ଭୂୟସୀ ପ୍ରଶଂସା କରିଥିଲେ । ସାମ୍ମାନିତ ଅତିଥିରୂପେ ବ୍ରହ୍ମପୁର ବିଧାୟକ ଡଃ .ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ବ୍ରହ୍ମପୁର ମାଧ୍ୟମିକ ଶିକ୍ଷା ପରିଷଦ ଡେପୁଟି ସେକ୍ରେଟେରୀ ସୁବାସ ଚନ୍ଦ୍ର ବେହେରା, ବି.ଡି.ଏ ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ମହାରଣା, ବି.ସି.ସି. ବ୍ୟାଙ୍କ ସଭାପତି ଅଲେଖ ଚୌଧୁରୀ, ମୁଖ୍ୟ ବକ୍ତା ରୂପେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ଼ଃ. ସୁରେନ୍ଦ୍ରନାଥ ପାଣିଗ୍ରାହୀ, ଅନ୍ୟତମ ସାମ୍ମାନିତ ଅତିଥିରୂପେ ପରିଚାଳନା ସମିତିର ଉପସଭାପତି ଦେବେନ୍ଦ୍ର କୁମାର ପାଢୀ, ସଂପାଦକ ଯଜ୍ଞନାରାୟଣ ପାଠୀ, ସହସମ୍ପାଦକ ଜୟରାମ ସ୍ୱାଇଁ, ପ୍ରତିଷ୍ଠାତା ଗୌରୀଶଙ୍କର ପାତ୍ର, ପ୍ରଧାନ ଆଚାର୍ଯ୍ୟ ମମତାକୁମାରୀ ପଟ୍ଟନାୟକ ଯୋଗଦାନ କରି ଛାତ୍ରଛାତ୍ରୀ ମାନଙ୍କ ଶାରୀରିକ, ମାନସିକ, ଶୈକ୍ଷିକ ଓ ବୌଦ୍ଧିକ ବିକାଶରେ ଏହି ବିଦ୍ୟାମନ୍ଦିରର ବଳିଷ୍ଠ ଭୂମିକା ସଂପର୍କରେ ଆଲୋକପାତ କରିଥିଲେ । ପ୍ରଥମେ ଗୌରୀଶଙ୍କର ପାତ୍ରଙ୍କ ଦ୍ୱାରା ସ୍ୱାଗତଭାଷଣ ପ୍ରଦାନ କରଯାଇଥିଲା । ଜୟରାମ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିବା ବେଳେ ଯଜ୍ଞ ନାରାୟଣ ପାଢୀ ବାର୍ଷିକ ବିବରଣୀ ପଠନ କରିଥିଲେ । ବରିଷ୍ଠ ଆଚାର୍ଯ୍ୟ ସୁଦର୍ଶନ ଏବଂ ଆଚାର୍ଯ୍ୟ ବନ୍ଦନା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶିଶୁମାନଙ୍କ ପରିବେଷିତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ଝଲକରେ ସମସ୍ତେ ଅଭିଭୂତ ହୋଇଯାଇଥିଲେ । ବିଦ୍ୟାମନ୍ଦିରର ମେଧା ଶିଶୁଙ୍କୁ ପୁରସ୍କୃତ କରିବା ନିମନ୍ତେ ପ୍ରଧାନ ଆଚାର୍ଯ୍ୟ ବଲରାମ ସାହୁ ଏବଂ ବାର୍ଷିକ ପ୍ରମୁଖ ଏନ ତନୁଜା ଚୌଧୁରୀ ପୂର୍ଣ୍ଣ ସହଯୋଗ ପ୍ରଦାନ କରିଥିଲେ ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟ ନିଜନିଜ ଦାୟିତ୍ୱକୁ ସୁଚାରୁ ରୂପେ ପରିଚାଳନା କରିଥିଲେ ।

ସ୍କିଲଡ଼ ଇନ୍ ଓଡ଼ିଶା କାର୍ମଶାଳା

ଛତ୍ରପୁର, ନ୍ୟୁଜ୍ ବ୍ୟୁରୋ।

ବ୍ରହ୍ମପୁର ଓଡ଼ିଶା ପବ୍ଲିକ ଲାଇବ୍ରେରୀ ପରିଚାଳନା କମିଟି ପକ୍ଷରୁ ସ୍କିଲଡ ଇନ ଓଡ଼ିଶା ଶୀର୍ଷକ ଏକ କାର୍ମଶାଳା ବ୍ରହ୍ମପୁର ଟାଉନ ହଲ ଠାରେ ଅନୁଷ୍ଠିତ ହୋଇଯାଇଛି ପବ୍ଲିକ ଇ–ଲାଇବ୍ରେରୀ ଦ୍ୱାରା ପ୍ରାୟୋଜିତ ଏହି କର୍ମଶାଳାରେ ମୁଖ୍ୟ ବକ୍ତା ଭାବେ ଓଡ଼ିଶା ସ୍କିଲଡ଼ ଡେଭେଲପ୍‌ମେଣ୍ଟ ଅଥରିଟିର ଚେୟାରମ୍ୟାନ ସୁବ୍ରୋତ ବାଗଚି ଯୋଗଦେଇ କୁଶଳୀ ଓଡ଼ିଶାର କ୍ରମବିକାଶ କାର୍ଯ୍ୟକ୍ରମ ସମ୍ପନ୍ଦରେ ସବିଶେଷ ସୂଚନା ପ୍ରଦାନ ପୂର୍ବକ ପ୍ରଯୁକ୍ତି ଜ୍ଞାନକୌଶଳର ବିକାଶ କ୍ଷେତ୍ରରେ ଓଡ଼ିଶାର ଦ୍ରୁତ ପ୍ରଗତି ପାଇଁ ଗ୍ରହଣ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ । ଏହା ଦ୍ୱାରା ବିଶ୍ୱସ୍ତରୀୟ ପ୍ରଯୁକ୍ତି ଜ୍ଞାନକୌଶଳ ନିପୁଣ ସ୍ନାତକ ସୃଷ୍ଟି କରି ନିଯୁକ୍ତି କ୍ଷେତ୍ରରେ ବିଶେଷ ଭୂମିକା ନିର୍ବାହ କରିପାରିବ । ସେ ସମ୍ପର୍କରେ ଆଲୋଚନା ଓ ପର୍ଯ୍ୟାଲୋଚନ କରିଥିଲେ । ଓଡ଼ିଶା ସ୍କିଲଡ଼ ଡେଭେଲପ୍‌ମେଣ୍ଟ ଅଥରିଟିର ପାଇଲଟ ପ୍ରୋଗ୍ରାମ ନାନୋ ୟୁନିକର୍ଣ୍ଣ ଯୋଜନା ଅନୁଯାୟୀ ଆସନ୍ତା ୨ ବର୍ଷ ମଧ୍ୟରେ ଯୁବପିଢ଼ି ବର୍ଗର ଦକ୍ଷତାକୁ ଉଚିତ ମାର୍ଗଦର୍ଶକ ପୂର୍ବକ ଉପଯୁକ୍ତ ଦକ୍ଷତାକୁ କିଭଳି ବିନିଯୋଗ କରାଯାଇପାରିବ ସେ ଦିଗରେ ପ୍ରେରଣା ଯୋଗାଇଥିଲେ । ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବ୍ରହ୍ମପୁର ବିଧାୟକ ଡ. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ଓଡ଼ିଶା ସୋସାଇଟି ଅଫ ଆମେରିକାର ସଦସ୍ୟ ଡ. ଅଜୟ କୁମାର ମହାନ୍ତି, ବ୍ରହ୍ମପୁର ଆଇଟିଆଇଟିର ଅଧ୍ୟକ୍ଷ ଇ. ରଜତ କୁମାର ପାଣିଗ୍ରାହୀ, ବ୍ରହ୍ମପୁରର ସୁନାମ ଧନ୍ୟ ଚକ୍ଷୁରୋଗ ବିଶେଷଜ୍ଞ ଡ ବି.ନାଗେଶ୍ୱର ରାଓ ସୁବୁଦ୍ଧି, ବିଏମ୍‌ସିର ଡେପୁଟି କମିଶନର ସୌରିନ୍ଦ୍ର କୁମାର ରାଉତରାୟ, ବରିଷ୍ଠ ଭେଷଜ ବିଶେଷଜ୍ଞ ଡ ପି.ସି. ସାହୁ ଓ ପ୍ରଫେସର ଏନ୍.ସି. ପାଢ଼ୀଙ୍କ ସମେତ ବହୁମାନ୍ୟଗଣ ବ୍ୟକ୍ତି ଯୋଗ ଦେଇଥିଲେ । ବ୍ରହ୍ମପୁର ସହରର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ପ୍ରାୟ ୫୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏହି କର୍ମଶାଳାରେ ଅଂଶଗ୍ରହଣ କରି ଇ–ଲାଇବ୍ରେରୀ ସଦୁପଯୋଗ କରି ନିଜ ଦକ୍ଷତାରେ ବିକାଶ କରିବା ପାଇଁ ଡ. ବାଗଚି ପ୍ରେରଣା ଯୋଗାଇଥିଲେ । ଏହି କାର୍ଯ୍ୟକ୍ରମକୁ ବ୍ରହ୍ମପୁର ପବ୍ଲିକ ଲାଇବ୍ରେରୀ ପରିଚାଳନା କମିଟିର ସଭାପତି ପ୍ରଫେସର ବି.ନାଗେଶ୍ୱର ରାଓ ଶୁବୁଧିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳନା କରାଯାଇଥିଲା ।

ଅଲିଭଙ୍କ ସୁରକ୍ଷା ନେଇ ସାଇକେଲ ରାଲି

ବ୍ରହ୍ମପୁର: ନ୍ୟୁଜ୍ ବ୍ୟୁରୋ।

ବିରଳ ଅଲିଭ ରିଡଲେ କଇଁଛ ସୁରକ୍ଷା ପାଇଁ ଏକ ସଚେତନା ସାଇକେଲ ରାଲୀ ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏହି ରାଲିରେ ବ୍ରହ୍ମପୁର ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟରୁ ସକାଳେ ବାହାରି ପୁରୀ, ଜଗତସିଂହପୁର ,କେନ୍ଦ୍ରପଡା, ଭଦ୍ରକ, ବାଲେଶ୍ୱର ଦେଇ ଭୁବନେଶ୍ୱରଠାରେ ଫେବ୍ରୁୟାରୀ ୨ ତାରିଖରେ ପହଞ୍ଚିବ ଜଙ୍ଗଲ ଓ ପରିବେଶ ବିଭାଗ ଓ କ୍ରିଡା ଓ ଯୁବବ୍ୟାପାର ବିଭାଗ ସହଯୋଗରେ ୧୨୦୦ ଜଣ ଏଥିରେ ସାମିଲ ହୋଇଛନ୍ତି । ଏହାକୁ ବ୍ରହ୍ମପୁର ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ସୁରେଶ ପନ୍ଥ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଆୟୋଜିତ ସଭାରେ ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ଆଶିଷ କୁମାର ବେହେରା ଅଧ୍ୟକ୍ଷତାରେ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ସନାତନ ପଣ୍ଡା, ସହକରି ବନ ସଂରକ୍ଷକ ବିଜୟକେତନ ପଣ୍ଡା ଏବଂ ରମା ରଞ୍ଜନ ପଟ୍ଟନାୟକ, ପରିବେଶବିତ ସୁଧୀର ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ଇକୋ କ୍ଲବ ସଂଯୋଜକ ଶଙ୍କର ନାରାୟଣ ବେଜ ସଂଯୋଜନା କରିଥିଲେ। ପରିବେଶବିତ ସୌମ୍ୟରଞ୍ଜନ ବିଶ୍ୱାଳ ଏବଂ ଦିଲୀପ କୁମାର ବିଶ୍ୱାଳ ଏହି ସାଇକେଲ ରାଲିରେ ବାହାରିଛନ୍ତି ।

ଗଞ୍ଜାମ ଜନସ୍ୱାସ୍ଥ୍ୟ ବିଭାଗ କନିଷ୍ଠଯନ୍ତ୍ରୀଙ୍କ ସାମ୍ବାଦିକଙ୍କୁ ଦୁର୍ବ୍ୟବହାର

ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ।

ଗଞ୍ଜାମ ସହରରେ ଥିବା ଜନସ୍ୱାସ୍ଥ୍ୟ ବିଭାଗରେ ଥିବା କନିଷ୍ଠ ଯନ୍ତ୍ରୀ ଆଶିଷ ବରାଳ ବରିଷ୍ଠ ସାମ୍ବାଦିକ ରବିନ୍ଦ୍ର ପଣ୍ଡାଙ୍କୁ ଦୁର୍ବ୍ୟବହାର କରିଛନ୍ତି । ପ୍ରକାଶ ଥାଉକି ଶ୍ରୀ ପଣ୍ଡା କନିଷ୍ଠ ଯନ୍ତ୍ରୀଙ୍କ ଅଫିସକୁ କୌଣସି କାମରେ ଯାଇଥିଲେ ଆଲୋଚନା କରିବା ପାଇଁ କୌଣସି କାରଣ ବଶତଃ ଉଭୟଙ୍କ ମଧ୍ୟରେ ବଚସା ସୃଷ୍ଟି ହୋଇଥିଲା । ଏଥିରେ କନିଷ୍ଠଯନ୍ତ୍ରୀ ଉତ୍‌କ୍ଷିପ୍ତ ହୋଇ ତୁମେ କିଏସେ ବୋଲି ପଚାରିଥିଲେ । ମୁଁ ଏମ୍‌ଏଲଏଙ୍କ କେଣ୍ଡିଡ଼େଟ ଏହାର ପ୍ରତିବାଦରେ ଗଞ୍ଜାମ ପ୍ରେସ୍ କ୍ଲବର ସମସ୍ତ ସାମ୍ବାଦିକ କଳାପଟି ମୁହଁରେ ବାନ୍ଧି ଅଢେଇ ଘଣ୍ଟା ଦାମୋଦରପୁର ନିକଟରେ ଥିବା ବସ୍ ଷ୍ଟପରେ ଏହାର ପ୍ରତିବାଦ ଜଣାଇଥିଲେ । ଏଥିରେ ଛତ୍ରପୁର ନିର୍ବାଚନ ମଣ୍ଡଳୀର ବିଧାୟକ ଡ.ପ୍ରିୟାଂଶୁ ପ୍ରଧାନ ଆସି ସମସ୍ତ ସାମ୍ବାଦିକ ମାନଙ୍କ ସହ ଆଲୋଚନା କରିଥିଲେ । ଜନସ୍ୱାସ୍ଥ୍ୟ ବିଭାଗ ଏସ ସିଙ୍କ ସହ ଆଲୋଚନା କରି ତିନି ଦିନ ସମୟ ମାଗିଥିଲେ । ଏଥିରେ ସମସ୍ତ ସମ୍ବାଦିକ ଉତ୍‌କ୍ଷିପ୍ତ ହୋଇଥିଲେ ଯେ ଜଣେ କନିଷ୍ଠ ଯନ୍ତ୍ରୀ ସାମ୍ବାଦିକ ମାନଙ୍କୁ ଏପରି ବ୍ୟବହାର କରିପାରନ୍ତି ତେବେ ଜନସାଧାରଣ କୌଣସି ଆପତ୍ତି ଅଭିଯୋଗ କଲେ ଜନସାଧାରଣଙ୍କୁ କୁକୁର ଭଳି ବ୍ୟବହାର କରିପାରନ୍ତି । ତେଣୁ ତାହାଙ୍କୁ ତୁରନ୍ତ ଏଠାରୁ ବଦଳି କରିବା ପାଇଁ ସମ୍ବାଦିକ ମାନେ ଦାବି କରିଛନ୍ତି । ଉକ୍ତ ଧାରଣାରେ ରବିନ୍ଦ୍ର ପଣ୍ଡା, ପ୍ରେସକ୍ଲବ ସଭାପତି ଶବର ତରାଇ ସାମ୍ବାଦିକ ବିନୋଦ ପଲେଇ, ବିଦ୍ୟାଧର ସାହୁ, ନିରଞ୍ଜନ ପରିଡ଼ା, ଉମାକାନ୍ତ ବେହେରା, ପ୍ରଦୀପ୍ତ ପଣ୍ଡା, ମନୋଜ କୁମାର ବେହେରା, ସହଦେବ ଗୌଡ଼, ରାମ ବେହେରା, ମନୋଜ ମହାପାତ୍ର ପ୍ରମୁଖ ଧାରଣାରେ ବସିଥିଲେ ।

ପ୍ରେସ୍ କ୍ଲବ ପକ୍ଷରୁ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ଶୁଭେଚ୍ଛା

ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ।

ଗଞ୍ଜାମ ପ୍ରେସ୍ କ୍ଲବ ପକ୍ଷରୁ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ନୂତନ ବର୍ଷ ଅବସରରେ ଅଭିନନ୍ଦନ ଜଣାଇଛନ୍ତି । ଗଞ୍ଜାମ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ରାୟ, ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକ, ତହସିଲଦାର ଅବନୀ କୁମାର ସାହୁ, ଗଞ୍ଜାମ ଥାନା ଅଧିକାରୀ ଅନିଲ ମହାନ୍ତିଙ୍କୁ ଭେଟି ପୁଷ୍ପଗୁଚ୍ଛ ପ୍ରଦାନ କରି ନବବର୍ଷର ଶୁଭେଚ୍ଛା ଜଣାଇଥିଲେ । ଏହି ସମୟରେ ପ୍ରେସ କ୍ଲବର ଉପଦେଷ୍ଟା ଉମାକାନ୍ତ ବେହେରା, ସଭାପତି ଶବର କୁମାର ତରେଇ, ଉପ–ସଭାପତି ବିନୋଦ ପଲାଇ, ସଂପାଦକ ବିଦ୍ୟାଧର ସାହୁ, କୋଷାଧ୍ୟକ୍ଷ ପ୍ରଦୀପ ପଣ୍ଡା ସମେତ ସାମ୍ବାଦିକ ମନୋଜ କୁମାର ବେହେରା, ରାମଚନ୍ଦ୍ର ବେହେରା, ସହଦେବ ଗୌଡ, ନୀଳାଞ୍ଚଳ ସେନାପତି ଅମର ମହାପାତ୍ର, ବଟ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ ।

ପ୍ରଲୋଭନରେ ପଡ଼ି ମହିଳା ସର୍ବସ୍ୱାନ୍ତ

ଦିଗପହଣ୍ଡି, ନ୍ୟୁଜ୍ ବ୍ୟୁରୋ।

୩ ଲକ୍ଷ ଟଙ୍କାର ଘରଭଙ୍ଗା କ୍ଷତିପୂରଣ ପାଇବା ଭଳି ଦୁର୍ବୃତ୍ତଙ୍କ ମିଥ୍ୟା ପ୍ରଲୋଭନରେ ପଡି ଜଣେ ମହିଳା ଘରେ ଥିବା ସୁନା, ଟଙ୍କା ହରାଇ ସର୍ବସ୍ୱାନ୍ତ ହୋଇପଡ଼ିଥିବା ଅଭିଯୋଗ ହୋଇଛି । ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ଭୀଷ୍ମଗିରି ପଞ୍ଚାୟତ ସାହିରେ ଏଭଳି ଘଟଣା ଘଟିଥିବା ଜଣାପଡିଛି । ଖବରପ୍ରକାରେ ବୁଧବାର ଦିନ ଗୋଟାଏ ସମୟରେ ଏକାକୀ ରହୁଥିବା ମହିଳା ଖୁଦି ବେହେରା (୪୫) ଙ୍କ ନିକଟରେ ଜଣେ ଯୁବକ ପହଞ୍ଚି ମହିଳାଙ୍କ ଘରଭଙ୍ଗା କ୍ଷତିପୂରଣ ବାବଦକୁ ୩ ଲକ୍ଷ ଟଙ୍କା ଆସିଥିବା ଜଣାଇଥିଲେ । ଏକ କାଗଜରେ ମହିଳାଙ୍କ ଟିପଚିହ୍ନ ମଡାଇ ଅଗ୍ରୀମ ୨୪୦୦୦ ଟଙ୍କା ଦେଲେ ଘଣ୍ଟାଏ ପରେ ବଡ଼ବାବୁ ପହଞ୍ଚି ୩ ଲକ୍ଷ ଟଙ୍କା ଦେବେ ବୋଲି କହିଥିଲେ ଅଚାନକ ହାତପାହାନ୍ତାରେ ମହିଳା ଜଣଙ୍କ ତାଙ୍କ ପାଖରେ ଥିବା ନଗଦ ୮ ହଜାର ଟଙ୍କା ସେହି ଅଚିହ୍ନା ଲୋକଙ୍କୁ ଧରାଇ ଦେବା ସହ ବଳକା ୧୬ ହଜାର ଟଙ୍କା ପାଇଁ ଗହଣା ପେଡ଼ିରେ ଥିବା ଦେଢ଼ ତୋଳାରୁ ଉର୍ଦ୍ଧ୍ୱ ଓଜନର ସୁନା ଅଳଙ୍କାର ମଧ୍ୟ ଧରାଇ ଦେଇଥିଲେ। ଯୁବକଟି ଅଧିକ ବିଶ୍ୱାସ ଜନ୍ମାଇବା ପାଇଁ ମହିଳାଙ୍କୁ ଘରୁ କେଉଁଆଡେ ନ ଯିବାକୁ କହିବା ସହ ବଡ଼ବାବୁଙ୍କ ପାଇଁ କୋଲଡ୍ରିଙ୍କସ ରଖି ଥିବାକୁ ମଧ୍ୟ କହିଥିଲେ । ଏହାପରେ ସୁନା ଏବଂ ଟଙ୍କା ଧରି ଚମ୍ପଟ ମାରିବାର କିଛି ସମୟପରେ ମହିଳା ଜଣଙ୍କ ଠକାମିର ଶିକାର ଜାଣି କାନ୍ଦବୋବାଳି ଛାଡିବା ପରେ ସାହି ପଡିଶା ଘଟଣା ସମ୍ପର୍କରେ ଜାଣିପାରିଥିଲେ । ତେବେ ଯୁବକଟି ଘରେ ପଶିବା ଓ ଘରୁ ଫେରିବା ସମୟରେ ହେଲମେଟ ପିନ୍ଧିଥିବା ସଙ୍ଗେସଙ୍ଗେ ସେ ଆଣିଥିବା ବାଇକରେ କୋଣସି ନମ୍ବର ନ ଥିବା ଯୋଗୁଁ ଦୁର୍ବୃତ୍ତ ଜଣଙ୍କର କୌଣସି ଟେର ମିଳିପାରିନାହିଁ ।

ସରସ୍ୱତୀ ଶିଶୁ ମନ୍ଦିରର ଅଷ୍ଟାଦଶ ବାର୍ଷିକୋତ୍ସବ

ଦିଗପହଣ୍ଡି, ନ୍ୟୁଜ୍ ବ୍ୟୁରୋ।

ଦିଗପହଣ୍ଡି ସରସ୍ୱତୀ ନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୮ ତମ ବାର୍ଷିକୋତ୍ସବ ବିଦ୍ୟାଳୟର ପରିଚାଳନା ସଭାପତି ରାମଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ବ୍ରହ୍ମପୁର ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ, ଉପସଚିବ ଡଃ. କୁଳମଣି ଓଝା ଏଥିରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିଶୁ ମନ୍ଦିରର ନୈତିକ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ପଦ୍ଧତି, ଗୁରୁଜୀ ଓ ଗୁରୁମା ବୃନ୍ଦଙ୍କ ତ୍ୟାଗ ଓ ନିଷ୍ଠାକୁ ପ୍ରଶଂସା କରିବା ସହ ବିଦ୍ୟାର୍ଥୀମାନଙ୍କୁ ନିଜ ବକ୍ତବ୍ୟରେ କହିଥିଲେ ଯେ, ମଣିଷ ଜନ୍ମ ପାଇଛି କିନ୍ତୁ ମନୁଷ୍ୟତ୍ୱ ଲାଭ କରିବା ପାଇଁ ଶିକ୍ଷା ଦରକାର ଏବଂ ଭାରତ ବର୍ଷରେ ଆତ୍ମାକୁ ଚିହ୍ନିବାକୁ ହେବ । ସେହିଭଳି ପାରଳାଖେମୁଣ୍ଡି ଦେବୀମଠ ମହନ୍ତ ରାମାନନ୍ଦ ଦାସ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିବା ବେଳେ ରାମନାଗୁଡା ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ସୁଜନ ମଲିକ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । ପ୍ରଧାନାଚାର୍ଯ୍ୟ ରବିନ୍ଦ୍ରନାଥ ଦାସ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଅନ୍ୟତମ ପ୍ରଧାନାଚାର୍ଯ୍ୟ ଭଗବତୀ ପ୍ରସାଦ ମିଶ୍ରଙ୍କ ସଂଯୋଜନାରେ ବାର୍ଷିକ ମୁଖ୍ୟପାତ୍ର ଆହ୍ୱାନ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଉପଦେଷ୍ଟା ପ୍ରକାଶ ଚନ୍ଦ୍ର ପ୍ରଧାନ ପ୍ରାରମ୍ଭରେ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶେଷରେ ଶିଶୁ ମନ୍ଦିରର ସଂପାଦକ କୈଳାସ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଏହାସହ ପଦ୍ମଚରଣ ମେକାପ, ଲବ ମହାପାତ୍ର, ବି. ତ୍ରିନାଥ ରେଡ୍ଡୀ ପ୍ରମୁଖଙ୍କୁ ସମ୍ମାନିତ କରା ଯାଇଥିଲା । ଶେଷରେ ବିଦ୍ୟାଳୟର ଭାଇଭଉଣୀ ମାନଙ୍କୁ ନେଇ ବିଭିନ୍ନ ପ୍ରକାରର ସାଂସ୍କୃତିକ ନୃତ୍ୟ ଗୀତ ମଧ୍ୟ ପରିବେଷିତ ହୋଇଥିଲା ଏଥିରେ ଈଶ୍ୱର ଭୂୟାଁ, ଏସ୍. ସଦାନନ୍ଦ, ସୁନୀତା ପଣ୍ଡା, ରାଜଲକ୍ଷ୍ମୀ ସ୍ୱାଇଁ, ନାରାୟଣ ପାଣିଗ୍ରାହୀ, ଏ. ଅରକ୍ଷିତ, ସନ୍ତୋଷ ପାଢ଼ୀ, ଏ. ଗୋବିନ୍ଦ ଦୋରା, ଅରୁଣ ସାହୁ, ଏସ୍. ପାଣ୍ଡବ, ଶ୍ରୀୟା ଗମାଙ୍ଗ ପ୍ରମୁଖ ବହୁଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିବା ବେଳେ ସମସ୍ତ ଗୁରୁଜୀଗୁରୁମା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

ପିଠା ଓ କାଳିଆ କାର୍ଯ୍ୟକ୍ରମର ସମୀକ୍ଷା

ଛତ୍ରପୁର, ନ୍ୟୁଜ୍ ବ୍ୟୁରୋ।

ଛତ୍ରପୁର ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣିତ ଜନହିତକର ଯୋଜନା ଗୁଡ଼ିକର ସମଷ୍ଟି ଗତ ଜନ ସଚେତନତା କାର୍ଯ୍ୟକ୍ରମ ପିଠା ଓ କୃଷକମାନଙ୍କ ପାଇଁ ଉଦିଷ୍ଟ କାଳିଆ କାର୍ଯ୍ୟକ୍ରମର ସମୀକ୍ଷା ବୈଠକ ଗଞ୍ଜାମ ଜିଲ୍ଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ଅଧକ୍ଷତାରେ ଛତ୍ରପୁର ସ୍ଥିତି ଜିଲ୍ଲା ପରିଷଦ ଭାବନ ଠାରେ ଅନୁଷ୍ଠିତ ହୋଇଯାଇଛି । ପିଠା କାର୍ଯ୍ୟକ୍ରମକୁ ପରିବର୍ତ୍ତିତ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ପିଠା କାର୍ଯ୍ୟକ୍ରମ ଡିସେମ୍ବର ମାସ ୧୫ ରୁ ୨୦ ତାରିଖ, ଜାନୁୟାରୀ ମାସ ୧୫ ରୁ ୨୦ ତାରିଖ ଓ ଫେବୃୟାରୀ ମାସ ୧୫ ରୁ ୨୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଜିଲ୍ଲାର ସମସ୍ତ ୫୦୩ ଗୋଟି ଗ୍ରାମ ପଞ୍ଚାୟତର ଏକକାଳୀନ ଏହା କାର୍ଯ୍ୟକାରୀ କରାଯିବ । ଆସନ୍ତା ପିଠା କାର୍ଯ୍ୟକ୍ରମରେ ମିଶନ ଶକ୍ତି ତରଫରୁ ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କୁ ମୂଳଧନ ପାଣ୍ଠି ପ୍ରଦାନ କରାଯିବ । ସୁନେତ୍ର ଯୋଜନାରେ ଛୋଟପିଲା ଓ ବୟସ୍କ ବ୍ୟକ୍ତି ଯେଉଁମାନଙ୍କର ଚକ୍ଷୁ ସମସ୍ୟା ଅଛି ସେମାନଙ୍କୁ ଚଷମା ବଣ୍ଟନ କରାଯିବ । ବିଦ୍ୟୁତ ବିଭାଗ ତରଫରୁ ମୋ ଘର ଏଲ.ଇ.ଡି ଯୋଜନାରେ ଗରିବ ଲୋକମାନଙ୍କୁ ଏଲ.ଇ.ଡି ବଲ୍‌ବ ବଣ୍ଟନ କରାଯିବ । ଏଥି ସହିତ ସମସ୍ତ ବିଭାଗ ସେମାନଙ୍କର ଜନହିତକର ଯୋଜନା ଗୁଡିକ ଲୋକମାନଙ୍କୁ ବୁଝାଇବେ ଭୂମିହୀନମାନଙ୍କୁ ଜମି ପଟ୍ଟା ବଣ୍ଟନ କରାଯିବ । କାଳିଆ ଯୋଜନାରେ ପ୍ରକୃତ ଜିତାଧିକାରୀ ଯେପରି ବଞ୍ଚିତ ନହୁଏ ସେଥିପ୍ରତି ଉପଯୁକ୍ତ ଧ୍ୟାନ ଦେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । କୃଷକ ପଞ୍ଜୀକରଣ ତାଲିକାରୁ ଅନୁପଯୁକ୍ତ ଚାଷୀଙ୍କୁ ବାଦ୍ ଦେବାବେଳେ ବିଧିବଦ୍ଧ କାରଣ ଉଲ୍ଲେଖ କରିବାପାଇଁ କୁହାଯାଇଛି । ଚାଷୀଙ୍କୁ ଅନ୍ତର୍ଭୁକ୍ତ କରିବାପାଇଁ ନୀଳ ରଙ୍ଗର ଫର୍ମ ଓ ବାଦ୍ ଦେବାପାଇଁ ନାଲି ରଙ୍ଗର ଫର୍ମ ସ୍ଥାନୀୟ ଗ୍ରାମପଞ୍ଚାୟତ କାର୍ଯାଳୟ ଗୁଡ଼ିକରେ ଉପଲବ୍ଧ ହେବ । ପ୍ରତ୍ୟେକ ଫର୍ମ ଦାଖଲ କରିବାପାଇଁ ନାଲି ଏବଂ ନୀଳ ରଙ୍ଗର ବାକ୍ସ ମଧ୍ୟରେ ସେଠାରେ ରହିବା ପ୍ରତ୍ୟହ କେତେ ଚାଷୀ ସେଥିରେ ଫର୍ମ ପକାଇଲେ ତାହାର ତାଲିକା ଜିଲ୍ଲାପ୍ରଶାସନକୁ ପ୍ରଦାନ କରାଯିବ । ବାକ୍ସ ଖୋଲିବା ସମୟରେ ଚକ୍ଷୁସ ପ୍ରମାଣ ଥିବା ଅନ୍ୟୁନ ୫ ଜଣ ବ୍ୟକ୍ତି ନିର୍ଦ୍ଧାରିତ ଶିରୋନାମାରେ ଦସ୍ତଗତ କରିବେ । ଚାଷୀମାନଙ୍କର ପଞ୍ଜୀକରଣ ତାଲିକା ଗ୍ରାମପଞ୍ଚାୟତ, ରାଜସ୍ୱ ଗ୍ରାମ ଓ ସେବା ସମବାୟ ସମିତି ମାନଙ୍କରେ ପ୍ରଦର୍ଶିତ ହେବ । କାଳିଆର ପ୍ରଚାର ପସାର ପାଇଁ ପ୍ରତ୍ୟକ ଗ୍ରାମ ଗୁଡ଼ିକରେ ପ୍ରଚାର ପତ୍ର ଲଗାଇବାକୁ ଜିଲ୍ଲାପାଳ କହିଛନ୍ତି । ଅହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଗ୍ରାମ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଇ.ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରିୟରଞ୍ଜନ ପୃଷ୍ଟି, ସହରାଞ୍ଚଳ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସବ୍ୟସାଚୀ ହୋତା ଓ ଅନାନ୍ୟ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।